# ବିଶ୍ୱାସେ ମିଳନ୍ତି ସାଇ

ରାଜଧାନୀ ଭୁବନେଶ୍ୱର ମନ୍ଦିରମାଳିନୀ ସହର ଭାବେ ସୁବିଦିତ । ଏହି ମନ୍ଦିରମାଳିନୀ ସହରରେ ସବୁ ଦେବାଦେବୀଙ୍କ ମନ୍ଦିର ଅଛି । ମୁଁ ଜାଣିବାରେ ଶିରିଡ଼ି ସାଇବାବାଙ୍କ ପ୍ରଥମ ମନ୍ଦିର ଟଙ୍କପାଣି ରୋଡ଼୍‌ରେ ହିଁ ଥିଲା । ଯାହା ବହୁତ ଡେରିରେ ଲୋକଙ୍କ ନଜରକୁ ଆସିଲା । ତା'ପରେ ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀରେ ବାବାଙ୍କ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହା ହାଉସିଂବୋର୍ଡ କଲୋନୀର 'ୟୁଥ୍ ଆସୋସିଏସନ୍'ର ସଦସ୍ୟମାନଙ୍କ ଯୋଗୁଁ ସମ୍ଭବ ହୋଇଥିଲା । ଏହା ବୋଧେ ବାବାଙ୍କ ଇଚ୍ଛା ଥିଲା ଯେ, ସେ ଏହି ଆସୋସିଏସନ୍‌ର ସଦସ୍ୟମାନଙ୍କ ଦ୍ୱାରା ଚନ୍ଦ୍ରଶେଖରପୁର ଅଞ୍ଚଳରେ ତାଙ୍କର ଏକ ମନ୍ଦିର ପ୍ରତିଷ୍ଠା ହେଉ । ସେ ଆମ ଅଞ୍ଚଳରେ ରହି ଲୋକଙ୍କୁ ସଦ୍‌ବୁଦ୍ଧି ଦେଖାଇ ବିପଥଗାମୀରୁ ସୁପଥଗାମୀ କରାଇବେ । ଧିରେ ଧିରେ ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ସ୍ଥାନ ନିରୂପଣ ହେଲା । ଏହା ହେଉଛି ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ କଡ଼ରେ ଥିବା ନୀଳାଦ୍ରୀବିହାର ଯିବାକୁ ରାସ୍ତାର ଟିକେ ଡାହାଣକୁ ଗଲେ ବାମପଟେ ବାବାଙ୍କ ମନ୍ଦିର । ବାବାଙ୍କ ମନ୍ଦିର ୨୦୦୬ ମସିହା ଅକ୍ଟୋବର ମାସ ୨ ତାରିଖ ଦିନ (୨-୧୦-୦୬) ସ୍ଥାପନ ହୋଇଥିଲା । ଏହିଦିନ ଥିଲା 'ବିଜୟାଦଶମୀ' ଓ ସୋମବାର ମଧ୍ୟ । ଧିରେ ଧିରେ ବାବାଙ୍କ ମନ୍ଦିରର ଖ୍ୟାତି ବଢ଼ିଲା । ଏଥିପାଇଁ 'ୟୁଥ୍ ଆସୋସିଏସନ୍'ର ସମସ୍ତ ସଦସ୍ୟଙ୍କୁ ଯେତେ ଧନ୍ୟବାଦ ଦେଲେ ମଧ୍ୟ କମ୍ ପଡ଼ିବ । କାରଣ ମନ୍ଦିର ତୋଳିବା ଏକ ସହଜ କଥା ନୁହେଁ, ସେମାନେ ଖାଲି ମନ୍ଦିର ଗଢ଼ି ବାବାଙ୍କ ମୂର୍ତ୍ତି ସ୍ଥାପନ କରିଦେଇଛନ୍ତି ତା' ନୁହେଁ, ମନ୍ଦିରର ରୀତିନୀତି, ପୂଜାବିଧି ଆଦି ସମସ୍ତ କାର୍ଯ୍ୟକୁ ସୂଚାରୁ ରୂପେ ତୁଲାଇ ଆସୁଛନ୍ତି । ମନ୍ଦିରରେ ଶାନ୍ତି ଶୃଙ୍ଖଳା ରକ୍ଷା କରି ସମସ୍ତ ଭକ୍ତ ବାବାଙ୍କୁ କିପରି ଦର୍ଶନ କରିବେ ତାଙ୍କ ପୂଜା କିପରି କରିବେ ତାହା ମଧ୍ୟ ବତାଇ ଦେଉଛନ୍ତି ।

'ଗୁରୁବାର' ହେଉଛି ବାବାଙ୍କ ପ୍ରିୟଦିନ । ଏହି ଦିନ ମନ୍ଦିରକୁ ଅନେକ ଭକ୍ତ ଆସନ୍ତି । ମାତ୍ର ତାଙ୍କ ଇଚ୍ଛା ଅନୁଯାୟୀ ଅର୍ଥାତ୍ ବାବାଙ୍କ ପାଖରେ ଲଗାଉଥିବା ଭୋଗ, ଫୁଲ ଓ ଯେଉଁମାନେ ବାବାଙ୍କ ଫଟୋ ବା ମୂର୍ତ୍ତି, ବିଭୂତି, ମୁକୁଟ, ବାବାଙ୍କ ବହି ଯେପରିକି ସାଇ ମହାତ୍ମ୍ୟ, ସାଇକଷ୍ଟ ନିବାରଣ ମନ୍ତ୍ର, ସାଇ ଚାଳିଶା, ନଅ ଗୁରୁବାର ବ୍ରତ ବହି, ପାଞ୍ଚ ଗୁରୁବାର ବ୍ରତ ବହି, ସାଇ ଆଳତି, ବାବାଙ୍କ ଜୀବନୀ ଇତ୍ୟାଦି ନେବାକୁ ଚାହାଁନ୍ତି ତା' ପାଇଁ ମଧ୍ୟ 'ୟୁଥ୍ ଆସୋସିଏସନ୍'ର ସଦସ୍ୟ ଜଣେ ଦୋକାନ କରି ଲୋକଙ୍କୁ ଯୋଗାଇ ଦେଉଛନ୍ତି । ବାବାଙ୍କ ପ୍ରିୟ ଗାଈ, କୁକୁର, ପକ୍ଷୀ ଇତ୍ୟାଦିଙ୍କୁ ବାବା ତାଙ୍କ ଖାଦ୍ୟରୁ ଦେଇଥାନ୍ତି । ସେଥିପାଇଁ 'ୟୁଥ୍ ଆସୋସିଏସନ୍'ର ଯୁବକମାନେ ମନ୍ଦିରରେ ଏକ ଗାଈ ରଖି ତା'ର ସେବା ଯତ୍ନ କରିବା ସହ ଲୋକମାନଙ୍କ ପାଇଁ ବାହାରେ 'ନାରାୟଣ ସେବା'ର ସୁବିଧା ଯୋଗାଇ ଦେଉଛନ୍ତି । ତା'ଛଡ଼ା ସେମାନେ ବାବାଙ୍କ ପାଖରେ ହେଉଥିବା ପର୍ବ ଦଶହରା, ରାମନବମୀ, ଗୁରୁପୂର୍ଣ୍ଣିମା, ଜାଗର ଇତ୍ୟାଦିକୁ ସୂଚାରୁ ରୂପେ ପାଳନ କରନ୍ତି ଓ ବାବାଙ୍କୁ ବିମାନରେ ବସାଇ ବୁଲାନ୍ତି । ଆଉ ଏକ ମହତପୂର୍ଣ୍ଣ କାର୍ଯ୍ୟ ତାହା ହେଲା ଗୁରୁପୂର୍ଣ୍ଣିମା ଅର୍ଥାତ୍ (ତା ୨୫.୭.୧୦ରିଖ) ବାବାଙ୍କ ରୂପାର ସିଂହାସନରେ ବିରାଜିତ ହୋଇଛନ୍ତି । ଏଥିପାଇଁ ସାଇଭକ୍ତମାନଙ୍କ ଅଶେଷ ଅଶେଷ ଧନ୍ୟବାଦ ।

ବାବାଙ୍କ ବିଭୂତି ବା ଉଦି ସବୁଠାରୁ ବଡ଼ ମହୌଷଧି । ବାବାଙ୍କ ଗାଧୁଆ ପାଣି, ଯେତେବଡ଼ ରୋଗ ହୋଇଥିଲେ ମଧ୍ୟ ବାବାଙ୍କ ବିଭୂତି ଓ ଗାଧୁଆ ପାଣି ରୋଗୀଙ୍କୁ ଦେଲେ ତା'ର ରୋଗ ଖୁବ୍‌ଶୀଘ୍ର ଭଲ ହୋଇଯିବ । ବାବାଙ୍କ ବସ୍ତ୍ରକୁ ଆଣି ଘରେ ରଖିବା ସହ ରୋଗୀର ଦେହରେ ପକାଇଲେ ସେ ଉପଶମ ପାଇବ । ତା'ଛଡ଼ା ବାବାଙ୍କ ଯନ୍ତ୍ରକୁ ମଧ୍ୟରେ ସାଥିରେ ରଖିଲେ ସବୁ କାର୍ଯ୍ୟ ସଫଳ ହେବ ଓ ମନୋବାଞ୍ଛା ପୂର୍ଣ୍ଣ ହେବ । ବାବାଙ୍କ ଉଦି ଲଗାଇ ଘରୁ ବାହାରିଲେ ସବୁ ବିପଦ ଟଳିଯିବ ଓ ବାବାଙ୍କ ଆଶିର୍ବାଦରୁ ସବୁ କାମ ସୂଚାରୁ ରୂପେ ହୋଇଯିବ । ବାବା କହିଛନ୍ତି 'ସବ୍‌କା ମାଲିକ୍ ଏକ' ତେଣୁ ହିନ୍ଦୁ, ମୁସଲମାନ, ସମସ୍ତେ ବାବାଙ୍କୁ ପୂଜା କରି ପାରିବେ । ଆଉ ଗୋଟିଏ କଥା 'ଶ୍ରଦ୍ଧା ସବୁରୀ' ଅର୍ଥାତ୍ ସମସ୍ତଙ୍କୁ ଭଲ ପାଅ ଘୃଣା କରନାହିଁ ଓ ଅବଚଳିତ ଧର୍ଯ୍ୟ ରଖ ।

ମୁଁ ନିଜେ ପ୍ରଥମେ ପ୍ରଥମେ ବାବାଙ୍କୁ ପୂଜା କରୁଥିଲି ସତ, ମାତ୍ର ବିଶ୍ୱାସ କରୁନଥିଲି । ଏମିତି ଏକ ଦିନ ତା (୨୬-୧୧-୨୦୦୯ରିଖ) ସୋମବାର ମୁଁ ସେଦିନ ସକାଳେ ସବୁ ମନ୍ଦିର ସହ ବାବାଙ୍କ ମନ୍ଦିରକୁ ଯାଇଥିଲି । ତା'ପରେ ଆମେ ଜଣେ ପଣ୍ଡିତଙ୍କ ପାଖକୁ ବାବା, ମା' ମୁଁ ଓ ମୋ ଭାଇ ଯାଇଥିଲୁ । ସେଠାର ସେ ମୋତେ ଏକ ଲକେଟ୍ ଦେଲେ । ଗୋଟେ ପଟେ ବାବାଙ୍କ 'ଫଟୋ' ଓ ଆଉ ଏକ ପାଖରେ 'ସକଳ ମନୋରଥ ସିଦ୍ଧ ଯନ୍ତ୍ର' ଥିଲା । ସେହି ଲକେଟ୍‌ଟିକୁ ଲଗାଇବା ପରେ ମୋର ମଧ୍ୟ ମନ ବାବାଙ୍କ ଆଡ଼କୁ ଟାଣିଲା ଓ ମୁଁ ଗୁରୁବାରକୁ ଗୁରୁବାର ମନ୍ଦିର ଗଲି ଓ ମୋର ମା' ମଧ୍ୟ ଗଲା । ସେହି କେତେଦିନ ମଧ୍ୟରେ କଲେଜରେ 'ଇଣ୍ଟରନାଲ' ପରୀକ୍ଷା ହୋଇଥିଲା । ମୁଁ ପରୀକ୍ଷା ଦେବାର କିଛିଦିନ ପରେ ଟିଉସନ୍‌କୁ ଆସିଲି । ସେହିଦିନ ସାର ବାହାରେ ଥାଇ ଟିଉସନ୍ ଭିତରେ ଥିବା ମୋର ଏକ ସାଙ୍ଗକୁ ଯୋରରେ ଗାଳି କଲେ କାରଣ ସେ ପରୀକ୍ଷାରେ କ'ଣ ଭୁଲଭାଲ କରିଥିଲା । ମାତ୍ର ମୋର ମୁହଁ ସାରଙ୍କୁ ଦେଖାଯିବା ପୂର୍ବରୁ ମୁଁ ବାବାଙ୍କୁ ଡାକି କହିଲି 'ବାବା ତମେ ମୋ ସହିତ ଥିବ' ତା'ପରେ ମୁଁ ରୁମ୍ ଭିତରକୁ ଗଲି ଓ ସାର୍ ବାହାରକୁ କୁଆଡ଼େ ପଳାଇଲେ । କିଛି ସମୟରେ ସାର୍ ଟିଉସନ୍ ରୁମ୍ ଭିତରକୁ ଆସିଲେ । ମୁଁ ଆଗ ଲାଇନ୍‌ରେ ବସିଥିଲି । ସାର୍ ସମସ୍ତଙ୍କ କଥା କହିଲେ ଓ ଶେଷରେ ମୋ କଥା କହିଲେ ଯେ ଇଏ ପରୀକ୍ଷାରେ 'ଥିଓରି' ଠିକ୍‌ଠିକ୍ ଲେଖିଛି ଓ ସେଥିପାଇଁ ମୁଁ ତାକୁ ୨୦ ମାର୍କରୁ ୧୯ ମାର୍କ ଦେଇଛି । ଏହା ଶୁଣି ମୁଁ ବହୁତ ଖୁସି ହେଲି ଓ ସେବେଠାରୁ ବିଶ୍ୱାସ କଲି ବାବା ମୋ ସହିତ ଅଛନ୍ତି । ମୋର ସମସ୍ତ ବିପଦକୁ ସିଏ ପାଣି ଫୋଟକା ପରି ମିଳାଇ ଦେଉଛନ୍ତି । ଖାଲି ମୋର ବିପଦ ନୁହେଁ ବାବାଙ୍କୁ ଯିଏ ବିଶ୍ୱାସର ସହ ପୂଜା କରିବ ବାବା ତା'ର ସବୁ ଦୁଃଖକୁ ଦୂର କରିଦେବେ । ସେଥିପାଇଁ ବାବା କହିଛନ୍ତି ଯାହାର ଯେତେ ଦୁଃଖକଷ୍ଟ ଅଛି ତାକୁ ସିଏ ଖୁସିରେ ମୋ ଉପରେ ଲଦିଦେଉ ମୁଁ ତାକୁ ବୋହିକି ନେବି । ସରଳ ଓ ନିଷ୍କପଟ ହୃଦୟରେ ସାଇଙ୍କ ଚରଣରେ ଆଶ୍ରିତ ହେଲେ ସକଳ ଦୁଃଖ କଷ୍ଟ ଅଚିରେ ଦୂର ହୋଇଥାଏ । ସେ ବିଶ୍ୱାସ ମୋର ରହିଛି ।

**ତନୁଶ୍ରୀ ସାହ**
**ଭୁବନେଶ୍ୱର**